# Akashvani, Sambalpur

## SAMBALPURI NEWS EVENING BULLETIN

## 1 September 2024- 7.02 pm- 7.12 pm.

********************************************

୧- ବିଚାରାଧୀନ୍ ମକ୍‌ଦ୍ଦମା ସଂଖ୍ୟା କମ୍ କର୍‌ବାର୍‌ଟା ନ୍ୟାୟପାଳିକାର୍ ଲାଗି ଗୁଟେ ବଡ଼୍ ଆହ୍ୱାନ୍ - କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ସୁଭଦ୍ରା ଯୋଜ୍‌ନା ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ଆଏଜ୍‌ଠାନୁ ହେଲା ମୁଲ୍ ।

୩- ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ ଆଏଜ୍ ହେଲା ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର ଜୟନ୍ତୀ ସମାରୋହ ।

- ଡକ୍ଟର୍ ପ୍ରତିଭା ଶତ୍‌ପଥୀଙ୍କୁ ଭାରତ୍ ଚନ୍ଦ୍ର ନାଏକ୍ ସ୍ମୃତି ସମ୍ମାନ୍ ଆଉ ସୁଜିତ୍ ଶତ୍‌ପଥୀଙ୍କୁ ଡକ୍ଟର୍ ନୀଲ୍‌ମାଧବ୍ ପାଣିଗ୍ରାହୀ ବାର୍ଷିକ ସମ୍ମାନ୍‌ଥି କରାଗଲା ସମ୍ମାନିତ୍ ।

ଆଉର୍

୪- ସମ୍ବଲ୍‌ପୁରର୍ ଆଘର୍ ବିଧାୟକ୍ ଅଶ୍ୱିନୀ ଗୁରୁଙ୍କର୍ ପରଲୋକ ।

ଜିଲ୍ଲା ନ୍ୟାୟପାଳିକା-ରାଷ୍ଟ୍ରୀୟ ସମ୍ମିଳନୀ ଏନ୍‌ଏସ୍‌ଡି

ବିଚାରଧୀନ୍ ମକ୍‌ଦ୍ଦମା ସଂଖ୍ୟା କମ୍ କର୍‌ବାର୍‌ଟା ନ୍ୟାୟପାଳିକା ଲାଗି ଗୁଟେ ବଡ଼ ଆହ୍ୱାନ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଆଏଜ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଜିଲ୍ଲା ନ୍ୟାୟପାଳିକାର୍ ୨ ଦିନିଆ ଜାତୀୟ ସମ୍ମିଳନୀକେ ସମ୍ବୋଧନ୍ କରିକରି ରାଷ୍ଟ୍ରପତି କହିଛନ୍ ଯେ, ବିଚାର୍ ଲାଗି ମକ୍‌ଦ୍ଦମା ପଡ଼ି ରହେବାର୍ ସମସ୍ୟାର୍ ସମାଧାନ୍ ଲାଗି ସବୁ ଭାଗିଦାରୀମାନେ ମିଲିତ୍ ଭାବେ କାମ୍ କର୍‌ବାର୍ ଦର୍‌କାର୍ । ଆଇନ୍ ଆର୍ ନ୍ୟାୟ ମନ୍ତ୍ରୀ ଅର୍ଜୁନ୍ ମେଘ୍‌ୱାଲ୍ ନାଗ୍‌ରିକ୍ ମାନ୍‌କୁ ନ୍ୟାୟ ବ୍ୟବସ୍ଥାର୍ ଭଲ୍ ପରିବେଶ୍ ମିଲ୍‌ବାର୍ ଦର୍‌କାର୍ ବଲି ତାଙ୍କର୍ ଭାଷଣ୍‌ଥି କହିଥିଲେ । ସେନ୍ତା ସର୍ବୋଚ୍ଚ ନ୍ୟାୟାଳୟର୍ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ତାଙ୍କର୍ ଭାଷଣ୍‌ଥି ସଠିକ୍ ପରିଚାଳନା ଜରିଏ ବିଚାରାଧୀନ ମକଦ୍ଦମା ସଂଖ୍ୟା କମ୍ କର୍‌ବାର୍‌କେ ଗୁଟେ କାର୍ଯ୍ୟଖସଡ଼ା ଉପସ୍ଥାପନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଇ ସମ୍ମିଳନୀକେ ସମ୍ବୋଧିତ୍ କରିଥିଲେ ।

ସୁଭଦ୍ରା ଯୋଜ୍‌ନାର୍ ପଞ୍ଜିକରଣ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମହିଲା ମାନ୍‌କର୍ ସାମାଜିକ୍ ଆର୍ ଆର୍ଥିକ୍ ଥିତିକେ ମଜ୍‌ବୁତ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ମୁଲ୍ ହେଇଥିବା ସୁଭଦ୍ରା ଯୋଜ୍‌ନାର୍ ପଞ୍ଜିକରଣ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ସବୁ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଆର୍ ସାଧାରଣ୍ ସେବାକେନ୍ଦ୍ରମାନ୍‌କୁ ଆବେଦନ୍‌କାରୀମାନେ ଫର୍ମ ପୂରଣ୍ କରିକରି ଦାଖଲ୍ କରିପାର୍‌ବେ । ଇ ପଞ୍ଜିକରଣ୍ ପ୍ରକ୍ରିୟା ଲାଗି ପଏସା ଦେବାର୍‌କେ ନାଇଁ ପଡ଼େ । ସୂଚ୍‌ନା ଅନ୍‌ସାରେ ଆବେଦନ୍‌କାରୀଙ୍କର୍ ପାଖେ ନିଜର୍ ନାଁଥି ଆଧାର୍‌କାର୍ଡ଼ ଆର୍ ଆଧାର୍ କାର୍ଡ଼ ସାଙ୍ଗେ ନିଜର୍ ନାଁଥି ଥିବା ବେଙ୍କ୍ ଏକାଉଂଟ୍ ଜୁଡ଼ି ହେଇକରି ଥିବାର୍‌ଟା ଜରୁରୀ ଆଏ । ଦର୍‌ଖାସ୍ତକାରୀଙ୍କର୍ ମୋବାଇଲ୍ ନମ୍ବର୍ ଭିଲ୍ ଆଧାର୍‌କାର୍ଡ଼ ସାଙ୍ଗେ ଜୁଡ଼ି ହେବାର୍ ଦର୍‌କାର୍ । ଇ ଯୋଜ୍‌ନା ବାବ୍‌ଦେ କେହେନି ପ୍ରକାର୍ ଭୁଲ୍ ଖବର୍‌ଥି ପ୍ରଭାବିତ୍ ନାଇଁ ହେବାର୍‌କେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଅଏତ୍‌କା ସୂଚ୍‌ନାର୍ ଲାଗି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ୧୪୬୭୮ ଟୋଲ୍‌ଫ୍ରି ନମ୍ବର୍ ଜାରି କରାଯାଇଛେ । ସଖାଲର୍ ୬ ନୁ ରାତି ୧୦ ବଜାତକ୍ ଇ ଟୋଲ୍‌ଫ୍ରି ନମ୍ବର୍‌କେ ଫୋନ୍ କରିକରି ଯୋଜ୍‌ନା ବାବ୍‌ଦେ ସବୁ ସୂଚ୍‌ନା ଜାନିହେବା । ଇ ଯୋଜ୍‌ନାଥି ରାଜ୍ୟର୍ ୧

କୋଟିନୁ ଅଏତ୍‌କା ମହିଲା ଉପକୃତ ହେଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ବନ୍ଦ୍     ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଇ ମାସର୍ ୩ ଟା ସୋମ୍‌ବାର୍ ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଜାରି ବିଜ୍ଞପ୍ତିଥି କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ବିଧାନ୍‌ସଭା ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ସେନ୍ତା ଇ ମାସର୍ ଆଉ ୨ ଟା ସୋମ୍‌ବାର୍ ୯ ତାରିଖ୍ ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଆର୍ ୧୬ ତାରିଖ୍ ଦିନ ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପଡୁଥିବାର୍‌ନୁ ସେ ଦିନ୍‌ମାନ୍‌କୁ ଭିଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ନାଇଁ ହୁଏ ।

ସାମ୍ବାଦିକ୍ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସାମ୍ବାଦିକ୍‌ମାନ୍‌କୁ ଦିଆଯାଉଥିବା ସ୍ୱାସ୍ଥ୍ୟ ବୀମା ଯୋଜ୍‌ନାର୍ ସମିଆକେ ଆଏଜ୍‌ଠାନୁ ଆଏବା

୨୦୨୫ ମସିହା ଅଗଷ୍ଟ ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅନୁମୋଦନ୍‌ଥି ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ୍ ସ୍ୱାସ୍ଥ୍ୟବୀମା ଯୋଜ୍‌ନା ନବୀକରଣ୍ ହେଇଛେ । ଇ ବାବ୍‌ଦେ ୮ କୋଟି ୫୫ ଲାଖ୍ ୭୬ ହଜାର୍ ୩ ଶହ ୧୪ ଟଙ୍କା ଦିଆଯିବାର୍ ସଙ୍ଗେ ବୀମା କମ୍ପାନୀ ସାଙ୍ଗେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ସୂଚ୍‌ନା ଅନ୍‌ସାରେ ଇ ବୀମା ଯୋଜ୍‌ନାଥି ୭ ହଜାର୍ ୪୧ ଝନ୍ ସାମ୍ବାଦିକ୍ ଆଏବା ଗୁଟେ ବଛର୍ ଲାଗି ସାମିଲ୍ ହେଇଛନ୍ । ଇତାର୍‌ସଙ୍ଗେ  ନୂଆଁକରି ଯୋଜ୍‌ନାଥି ପଞ୍ଜିକୃତ ହେବାର୍‌କେ ଇ ମାସର୍ ପହେଲା ହପ୍ତାଥି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପୋର୍ଟାଲ୍ ଖୁଲ୍‌ବା । ହେଥି ନୂଆଁ ଦର୍‌ଖାସ୍ତ ମଗାଯିବା ଆର୍ ହେ ପ୍ରକ୍ରିୟା ମାସେ ତକ୍ ଜାରି ରହେବା ।

ସ୍କୁଲ୍ ନ ସ୍ୱଚ୍ଛତା ପକ୍ଷ ପାଳନ୍ — ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ଆଏବାକାଏଲ୍‌ଠାନୁ ସ୍ୱଚ୍ଛତା ପକ୍ଷ ପାଳନ୍ କରାଯିବା । ଆଏବା ୧୫ ତାରିଖ୍‌ତକ୍ ସ୍ୱଚ୍ଛତା ପକ୍ଷ ପାଳନ୍ ଅବ୍‌ସରେ ସ୍କୁଲ୍‌ମାନ୍‌କୁ ସଫେଇ ଉପ୍‌ରେ ଜୋର୍ ଦିଆଯିବା । ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ଆଉ ପ୍ଲାଷ୍ଟିକ୍ ପ୍ରଦୂଷଣ୍ ରୁକ୍‌ବାର୍‌କେ ସଚେତନ୍ କରାଯିବା । ପହେଲା ଦିନ ସଭେ ସ୍ୱଚ୍ଛତା ଲାଗି ଶପଥ୍ ପାଠ୍ କର୍‌ବେ ।

ସ୍କୁଲ୍‌ମାନ୍‌କୁ ସ୍ୱଚ୍ଛ ରଖ୍‌ବାର୍‌କେ ବିଦ୍ୟାଳୟ ପରିଚାଳନା କମିଟି ସାଙ୍ଗେ ବୈଠକ୍ କରାଯିବାର୍ ସହେତେ **୧୫** ତାରିଖ୍‌ତକ୍ ସ୍କୁଲ୍ ପରିସର ଆଉ ଶ୍ରେଣୀଗୃହ ସଫେଇ ସାଙ୍ଗେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ କରାଯିବା । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍‌ଫୁ ଚିଠି ଲେଖାଯାଇଛେ ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ                ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ଆଏଜ୍ ଜ୍ୟୋତିବିହାର୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ହେଇଥିବା ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ସମାରୋହଥି କବୟିତ୍ରୀ ଡକ୍ଟର୍ ପ୍ରତିଭା ଶତ୍‌ପଥୀଙ୍କୁ ଭାରତ୍ ଚନ୍ଦ୍ର ନାଏକ୍ ସ୍ମୃତି ସମ୍ମାନ୍ ଆଉର୍ କବି ସୁଜିତ୍ ଶତ୍‌ପଥୀଙ୍କୁ ଡକ୍ଟର୍ ନୀଲ୍‌ମାଧବ୍ ପାଣିଗ୍ରାହୀ ବାର୍ଷିକ ସମ୍ମାନ୍ ଦିଆଯାଇଛେ । କୁଳପତି ପ୍ରଫେସର୍ ବିଧୁଭୂଷଣ୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମାରୋହଥି ରାଜସ୍ୱ ଆଉ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଆଉ ଭାଷାବିତ୍ ପ୍ରଫେସର୍ ନଟ୍‌ବର୍ ଶତ୍‌ପଥୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି ଗଙ୍ଗାଧରଙ୍କର୍ ସାହିତ୍ୟକୃତି ଆଉ ଜୀବନୀ ଉପ୍‌ରେ ବକ୍ତବ୍ୟ ରଖିଥିଲେ ।

ଅଶ୍ୱିନୀ କୁମାର୍ ଗୁରୁ-ପରଲୋକ    ଆରଏନ୍ୟୁ

କଟକ୍/ସମ୍ବଲପୁର

ସମ୍ବଲ୍ପୁର୍ର ଆଘର୍ ବିଧାୟକ୍ ଆର୍ ବରିଷ୍ଠ କଂଗ୍ରେସ୍ ନେତା ଅଶ୍ୱିନୀ କୁମାର୍ ଗୁରୁଙ୍କର୍ ଆଏଜ୍ ପହପହ ନ ତାକର୍ ବ୍ରଜରାଜ୍ନଗର୍ ଘରେ ହୃଦ୍ଘାତଥି ପରଲୋକ୍ ହେଇଯାଇଛେ । ମୃତ୍ୟୁ ବେଲ୍କେ ତାହାକୁ ୭୦ ବଛର୍ ବୟସ୍ ହେଇଥିଲା । ତାକର୍ ମରଶରୀରକେ ସମ୍ବଲ୍ପୁର୍ ଅନାଯାଇକରି ମନ୍ଦଲିଆ ରାଜ୍ଘାଟ୍ ନ ଶେଷକୃତ୍ୟ କରାଯାଇଥିଲା । ସମ୍ବଲ୍ପୁର୍ କଂଗ୍ରେସ୍ ଅଫିସ୍ ନ କିଛି ସମିଆ ମରଶରୀର ରଖାଯାଇଥିବାର୍ ବେଲେ ଦଲୀୟ ନେତା ଆର୍ କର୍ମୀଙ୍କର୍ ସହେତେ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ଆର୍ ସମାଜର୍ ଭିନ୍ ଭିନ୍ ବର୍ଗର୍ ବରିଷ୍ଠ ନାଗରିକ୍ ତାଙ୍କର୍ ଅନ୍ତିମ୍ ଦର୍ଶନ୍ କରିକରି ଶ୍ରଦ୍ଧାଞ୍ଜଲି ଜନେଇଥିଲେ । ସେ ୧୯୮୦ ନୁ ୮୫ ମସିହାତକ୍ ସମ୍ବଲ୍ପୁରର୍ ବିଧାୟକ୍ ଥିବାର୍ ସହେତେ ଖୋବ୍ ବଛର୍ ଜିଲ୍ଲା କଂଗ୍ରେସ୍ ସଭାପତି ଆଉ ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟିର୍ ସଭ୍ୟ ରହିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ଅଶ୍ୱିନୀ ଗୁରୁଙ୍କର୍ ବିୟୋଗଥି ଦୁଖ ପ୍ରକାଶ୍ କର୍ବାର୍ ସଙ୍ଗେ ପରିବାର୍ ଲୁକ୍କୁ ସମବେଦନା ଜନେଇଛନ୍ । ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ୱର୍ଗତ ଗୁରୁଙ୍କର୍ ପରଲୋକଥି ଶୋକପ୍ରକାଶ୍ କରିଛନ୍ । ଜନପ୍ରତିନିଧି ଭାବେ ସମ୍ବଲ୍ପୁର୍

ଲାଗି ସ୍ୱର୍ଗତ୍ ଗୁରୁଙ୍କର୍ ଅବଦାନ୍ ସବୁଦିନ ସୋର୍ ରହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ । ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍ ଭିଲ୍ ସ୍ୱର୍ଗତ୍ ଗୁରୁଙ୍କର୍ ବିୟୋଗ୍ଥି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୋକପ୍ରକାଶ୍ କରିଛନ୍ ।

ରାଷ୍ଟ୍ରୀୟ ଡ୍ରାଇଭର୍ ଦିବସ        ନୂଆପଡ଼ା/ ଦେବ୍ଗଡ଼୍/ ବୌଦ୍ଧ

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ନ ଆଏଜ୍ ଓଡ଼ିଶା ଡ୍ରାଇଭର୍ ମହାସଂଘ ତର୍ଫୁ ରାଷ୍ଟ୍ରୀୟ ଡ୍ରାଇଭର୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଖୋବ୍ ସଂଖ୍ୟା ନ ଗାଡ଼ି ଚାଲକ୍ ଖଡ଼ିଆଲ୍ ସହର୍ର ସମ୍ଲେଇଗୁଡ଼ିନୁ ଗୁରୁନାନକ୍ ଛକ୍ତକ୍ ପଟୁଆର୍ କରିଥିଲେ ।

ଦେବ୍ଗଡ଼୍ ନ ଭିଲ୍ ଓଡ଼ିଶା ଡ୍ରାଇଭର୍ ମହାସଂଘ ତର୍ଫୁ ଜାତୀୟ ଡ୍ରାଇଭର୍ ଦିବସ୍ ପାଲନ୍ କରାଯାଇଥିଲା । ଡ୍ରାଇଭର୍ମାନେ ଗୁଟେ ବାଇକ୍ ରେଲିଥି ସହର୍ ପରିକ୍ରମା କର୍ଲା ଉତ୍ରୁ ଗୁଟେ ରକ୍ତଦାନ୍ ଶିବିର ଆର୍ ସଭା ହେଇଥିଲା । ରକ୍ତଦାନ୍ ଶିବିରଥି ଶହେ ୯ ଝନ୍ ରକ୍ତଦାନ୍ କରିଥିବାର୍ ବେଲେ ସଭାଥି ଗଲା ମେଟ୍ରିକ୍ ପରୀକ୍ଷାଥି ଡ୍ରାଇଭର୍ ମାନ୍କର୍ ଛୁଆକର୍ ଭିତ୍ରେ ସବୁନୁ ଅଏତ୍କା ନମ୍ବର୍ ରଖିଥିବା ସ୍ମୃତି ସାହୁଙ୍କୁ ୧୦ ହଜାର୍ ଟଙ୍କା ପୁରସ୍କାର୍ ଦିଆଯାଇଥିଲା ।

ଓଡ଼ିଶା ଡ୍ରାଇଭର୍ ମହାସଂଘ ବୌଦ୍ଧ ଜିଲ୍ଲା ଶାଖା ତର୍ଫୁ ହେଇଥିବା ସଭାଥି ଆଂଚଲିକ୍ ପରିବହନ୍ ଅଧିକାରୀ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମ୍          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଗାନ୍ଧୀ ସ୍ମୃତି ପାଠାଗାର୍ ନ ସମ୍ବିଧାନ୍ ସୁରକ୍ଷା ମଂଚ୍ ଆର୍ ପାୱାର୍ ଅଫ୍ ଦିବ୍ୟାଙ୍ଗ୍‌ସ ତର୍ଫୁ ଆଏଜ୍ ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ପବିତ୍ର ଦେହେରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଆର୍ ଜିଲ୍ଲା ପରିଷଦ୍ ସଭାପତି ମାନିନୀ ଭୋଇ ଯୋଗ୍ ଦେଇକରି ନୂଆଖାଇ ପାଲନ୍ ଆଘୋନୁ ଅଡ଼ିଆ ପରମ୍ପରା ବାବ୍‌ଦେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ୍‌ଥି ଦିବ୍ୟାଙ୍ଗ ଆର୍ ଅସହାୟ ମାନ୍‌କୁ ନୂଆଖାଇ ମନାବାର୍‌କେ ଅଡ଼ିଆ ଦିଆଯାଇଥିଲା ।

ମିଶନ୍ ଶକ୍ତି ବଜାର          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ନିୟନ୍ତ୍ରିତ ବଜାର୍ କମିଟି - ଆର୍‌ଏମ୍‌ସିର୍ ମାର୍କେଟ୍ ୟାର୍ଡ଼ର ଗୋରୁ ମାର୍କେଟ୍ ପରିସର ନ ମିଶନ୍ ଶକ୍ତି ବଜାର୍ ତିଆର୍ ଲାଗି ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ଆଏଜ୍

ନିହିପଥର୍ ରଖିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଆର୍ ପୌରାଧକ୍ଷା କଳ୍ପନା ମାଝୀ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ୨ କୋଟି ୧୫ ଲାଖ୍ ଟଙ୍କା ଖର୍ଚ୍ଚାଥି ମିଶନ୍ ଶକ୍ତି ବଜାର୍ ନ ୧୬ ଟା ଷ୍ଟଲ୍ ଆର୍ ଗୁଟେ ଭୋଜନାଳୟ ତିଆର୍ କରାଯିବା ।

ସୁବର୍ଣ୍ଣପୁର୍ - ହାତୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍‌ର ହାତିଲିମୁଣ୍ଡା ଆର୍ ଦୁର୍‌ଦୁରା ଜପ୍‌ତି ଜଙ୍ଗଲ୍ ଇଲାକାର୍ ଆଖର୍‌ପାଖର୍ ଗାଁ ନ ହାତୀମାନେ ଉତ୍ପାତ୍ କରିକରି ଖୋବ୍ ଚାଷ୍ ନୁକ୍‌ସାନ୍ କରିଛନ୍ । ବରିଆମୁଣ୍ଡା ଆର୍ ଠାକୁର୍‌ପୁର୍ ଗାଁ ନ ଏକର୍ ଏକର୍ ଚାଷ୍ ନୁକ୍‌ସାନ୍ ହେଇଛେ ବଲି ଚାଷୀମାନେ ଅଭିଯୋଗ୍ କରିଛନ୍ । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍‌ର ଅଧିକାରୀ ଆର୍ ପୁଲିସ୍ ପୁହୁଁଚିକରି ହାତୀମାନ୍‌କୁ ଘନ୍ ଜଙ୍ଗଲ୍‌କେ ଖେଦ୍‌ବାର୍ ଚେରେଷ୍ଟା କରୁଛନ୍ ।

ବୌଦ୍ଧ- ସୁଭଦ୍ରା ଯୋଜ୍‌ନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ କେହି ଯୋଗ୍ୟ ହିତାଧିକାରୀ ଯେନ୍ତା ସୁଭଦ୍ରା ଯୋଜ୍‌ନାନୁ ବାଦ୍ ନାଇଁ ପଡ଼୍‌ବେ ତାର୍ ଉପ୍‌ରେ ଜିଲ୍ଲାପାଲ୍

ସୁବ୍ରତ୍ କୁମାର୍ ପଣ୍ଡା ଜୋର୍ ଦେଇଛନ୍ । ଜିଲ୍ଲା ନ ଆଏଜ୍‌ଠାନୁ ଅଙ୍ଗନବାଡ଼ି କର୍ମୀମାନେ ଘର୍‌କେ ଘର୍ ଯାଇକରି ମହିଳାମାନ୍‌କୁ ସୁଭଦ୍ରା ଯୋଜ୍‌ନାର୍ ଫର୍ମ ବାଂଟ୍‌ବାର୍ ସଙ୍ଗେ ଦର୍‌ଖାସ୍ତ କର୍‌ବାର୍‌ଥି ସହଯୋଗ୍ କରୁଛନ୍ ।